## ଡକାୟତ -ଗ୍ରାମବାସୀ ମୁହାଁମୁହିଁ ଘଟଣା
# ୯ ଆନ୍ତଃରାଜ୍ୟ ଡକାୟତ ଗିରଫ

**ସୋର, ୭।୧୨(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ସୋର ଥାନା ପିତାକାଳିଆ ନିକଟରେ ଡକାୟତ-ଗ୍ରାମବାସୀ ଖଣ୍ଡଯୁଦ୍ଧ ମାମଲାର ତଦନ୍ତ କରାଯାଇ ଆନ୍ତଃରାଜ୍ୟ ଡକାୟତ ସହ ୯ଜଣିଆ ଡକାୟତ ଦଳକୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୭୦ ଗ୍ରାମ ଓଜନର ସୁନା ଗହଣା, ୨ଟି ବନ୍ଧୁକ, ୨ଟି ଗୁଳି, ବାଇକ, ୯ଟା ମୋବାଇଲ, ଭୁଜାଲି, ଛୁରି ଓ ଲୁହାରଡ଼ ମାରଣାସ୍ତ୍ର ଜବତ କରାଯାଇଛି। ଘଟଣାଦିନ ପୋଲିସ ହାତରେ ଧରାପଡ଼ିଥିବା କେନ୍ଦ୍ରାପଡ଼ା ମାର୍ଶାଘାଇ ଅଞ୍ଚଳର ପ୍ରବୀଣ ସେନାପତିଙ୍କୁ ନେଇ ବାଲେଶ୍ୱର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଆଇଆଇସି ମଧୁମିତା ମହାନ୍ତିଙ୍କ ନେତୃତ୍ୱରେ ଏଏସ୍‌ଆଇ ପ୍ରଦୀପ କୁମାର ମହାନ୍ତି, ପ୍ରତାପ କାଲୋ କେନ୍ଦ୍ରପଡ଼ା, ମର୍ଶାଘାଇ, ଜଗତସିଂପୁର, ଢେଙ୍କାନାଳ, ଖଇରା ଓ ସୋରର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ସୋର ଥାନା ଏବଂ ବିଭିନ୍ନ ଥାନାରେ ବହୁ ମାମଲାରେ ସମ୍ପୃକ୍ତ ୯ଜଣ ଦୁର୍ଦ୍ଧାନ୍ତ ଡକାୟତଙ୍କୁ ଗିରଫ କରିଥିଲେ। ସେମାନଙ୍କ ମଧ୍ୟରେ ସୋର ଥାନା ବୁଡ଼େଇ ଗ୍ରାମର କମଳାକାନ୍ତ ଦାସ, ଜଗତସିଂହପୁର ତିର୍ତ୍ତୋଲ ଅଞ୍ଚଳର ସୁଶାନ୍ତ ସାହୁ, ଢେଙ୍କାନାଳ ନହାଲପ୍ରସାଦ ଗ୍ରାମର ମୁନା ଧଳ, ମାର୍ଶାଘାଇ ଅଞ୍ଚଳର ଭକ୍ତିପ୍ରସାଦ ରାଉତ, ମାର୍ଶାଘାଇ ଅଞ୍ଚଳର ପ୍ରବୀଣ ସେନାପତି, କେନ୍ଦ୍ରପଡ଼ା ସଦର ଥାନା ଅଞ୍ଚଳର ଉଦୟନାଥ ପ୍ରଧାନ, ମହାରାଷ୍ଟ୍ର ବିଡ୍ ଅଞ୍ଚଳର ପ୍ରଦ୍ୟୁମ୍ନ ରାଠୋର, କଟକ ମାହାଙ୍ଗା ଅଞ୍ଚଳର ରାଜେଶ ମହାପାତ୍ର ଏବଂ ଖଇରା ପ୍ରହରାଜପୁର ଗ୍ରାମର ରମେଶ ଚନ୍ଦ୍ର ମଳିକ। ଏନେଇ ମାମଲା(ନଂ.୪୦୧/୨୦) ରୁଜୁ ହୋଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗିରଫ ସୁଶାନ୍ତ ସାହୁଙ୍କ ନାମରେ ୧୮ଟି, କମଳାକାନ୍ତଙ୍କ ନାମରେ ୭ଟି, ରାଜେଶଙ୍କ ନାମରେ ୮ଟି ମାମଲା ବିଭିନ୍ନ ଥାନାରେ ଥିବା ପୋଲିସ କହିଛି।

# ପାଣି ପାଇଁ ପଞ୍ଚାୟତ ଅଫିସରେ ତାଲା

**ବାରିପଦା ଅଫିସ,୭।୧୨**

ମୟୂରଭଞ୍ଜ ଜିଲା ବାରିପଦା ବ୍ଲକ ରାଜାବସା ପଞ୍ଚାୟତବାସୀ ପାନୀୟ ଜଳ ସମସ୍ୟାକୁ ନେଇ ସୋମବାର ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଥିଲେ। ଖବରପାଇ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ୧୦ଦିନ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରି ଜଳ ଯୋଗାଇ ଦେବାର ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ପ୍ରକାଶ ଯେ, ବସୁଧା ଯୋଜନାରେ ନିର୍ମାଣାଧୀନ ପାଣି ଟାଙ୍କିର କାର୍ଯ୍ୟ ଶେଷ ହୋଇ ନ ଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଥିଲେ। ଦୀର୍ଘଦିନ ଧରି ଏହି କାର୍ଯ୍ୟ ଚାଲି ଆସୁଥିବା ବେଳେ ସୂଚନା ଫଳକରେ ବିଭାଗ ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଇ ନାହିଁ। ଫଳରେ ପ୍ରକଳ୍ପ ଶେଷ ହେବା ନେଇ ସନ୍ଦେହ ଉପୁଜିଛି । ଏହାକୁ ନେଇ ପଞ୍ଚାୟତରେ ଥିବା ୪ଟି ଗ୍ରାମର ଗ୍ରାମବାସୀ କାର୍ଯ୍ୟାଳୟରେ ତାଲା ପକାଇ ବିକ୍ଷୋଭ କରିଥିଲେ । ପ୍ରତିଶ୍ରୁତି ମୁତାବକ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ପଞ୍ଚାୟତବାସୀ ଚେତାବନୀ ଦେଇଛନ୍ତି ।



ପଞ୍ଚାୟତ କାର୍ଯ୍ୟାଳୟ ଗେଟ ସମ୍ମୁଖରେ ଉତ୍ତ୍ୟକ୍ତ ଗ୍ରାମବାସୀ।

# ସର୍ଭିସ୍ ରୋଡ୍ ପାଇଁ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଘେରିଲେ

**ଯୋଡା, ୭।୧୨(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ସହରର ଉପକଣ୍ଠ ଦେଇ ଯାଇଥିବା ୫୨୦ ନଂ ଜାତୀୟ ରାଜପଥର କାର୍ଯ୍ୟ ଅନୁଧ୍ୟାନ ଓ ଏହାର ଅଗ୍ରଗତିର ସର୍ବେକ୍ଷଣ ପାଇଁ ସୋମବାର ଜାତୀୟ ରାଜପଥର ପ୍ରକଳ୍ପ ନିର୍ଦ୍ଦେଶକ ସୋରଭ ଚୌରାସିଆ, ବ୍ରିଜ୍ କନ୍‌ସଲ୍‌ଟାଣ୍ଟ ବି.ବି. ଘୋଷ ପ୍ରମୁଖ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏହି ଜାତୀୟରାଜପଥରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ, ବିଦ୍ୟାଳୟ, ଥାନା, ସହ ଖଣି ଯୁଗ୍ମ ନିର୍ଦ୍ଦେଶାଳୟ, ଟାଟା କମ୍ପାନି କଲୋନୀ, ଓଏସ୍‌ଇବି କଲୋନୀ ପ୍ରଭୃତି ରାଜପଥର ଦୁଇ ପାର୍ଶ୍ୱରେ ରହିଥିବାରୁ ଏଠାରେ ଏକ ସର୍ଭିସ୍ ରୋଡର ଆବଶ୍ୟକତା ରହିଥିଲେ ହେଁ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ଏହାକୁ ଗୁରୁତ୍ୱର ସହ ବିଚାରକୁ ନିଆଯାଇ ନ ଥିଲା। ଏ ନେଇ ଯୋଡା ବିକାଶ ପରିଷଦ, ଚମ୍ପୁଆ ପୂର୍ବତନ ବିଧାୟକ ଜିତୁ ପଟ୍ଟନାୟକ, ଯୋଡା ସିନିୟର ସିଟିଜେନ ସର୍ଭିସେସ୍ ଆସୋସିଏଶନ ସମେତ ସ୍ଥାନୀୟ ଅଞ୍ଚଳବାସୀ ସର୍ଭିସ୍ ରୋଡ ନିର୍ମାଣ ନିମନ୍ତେ ବାରମ୍ବାର ଦାବି କରି ଆସୁଥିଲେ। ଏହାକୁ ଦୃଷ୍ଟିରେ ରଖି ସୋମବାର ପ୍ରକଳ୍ପ ନିର୍ଦ୍ଦେଶକ ଚୌରାସିଆ ରିମୁଳି ଠାରୁ ରଣାଶାଳ ଘାଟି ପର୍ଯ୍ୟନ୍ତ ନିର୍ମାଣଧିନ ଏନ୍‌ଏଚ୍‌ର ସ୍ଥିତି ଅନୁଧ୍ୟାନ କରି ଯୋଡାରେ ଅପରାହ୍ନରେ କଳାପାହଡ ଛକ ଠାରେ ପହଞ୍ଚିଥିଲେ। ତାଙ୍କ ଆସିବାର ସୂଚନା ପାଇ ଯୋଡା ଅଞ୍ଚଳବାସୀ ତାଙ୍କୁ ଅଟକାଇ ସର୍ଭିସ ରୋଡ୍ ନିର୍ମାଣ ନିମନ୍ତେ ଦାବି କରିଥିଲେ । ଚୌରାସିଆ ଏହି ଦାବିକୁ ଗୁରୁତ୍ୱର ସହ ଗ୍ରହଣ କରି ରାଜପଥର ନିର୍ମାଣ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ମଣ୍ଟେକାର୍ଲୋର ଅଧିକାରୀ ଅନୁଜ କୁମାରଙ୍କୁ ସର୍ଭିସ ରୋଡର ସର୍ବେକ୍ଷଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଯୋଡା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର, ସମ୍ପାଦକ ସୁଶାନ୍ତ ବାରିକ, ବରିଷ୍ଠ ନାଗରିକ ଗୋପାଳ ଚନ୍ଦ୍ର ସାହୁ, ଯୁଗ୍ମ ସମ୍ପାଦକ ମନିନ୍ଦ୍ର ସୁନ୍ଦର ବାରିକଙ୍କ ସମେତ ବେଣୁଧର ବେହେରା, ସମୀର ଦାସ, ପ୍ରକାଶ ମହାନ୍ତି ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ । ୨୦୨୧ ଜୁନ୍ ମାସ ଶେଷ ସୁଦ୍ଧା ଏହି ରାଜପଥ ସଂପୂର୍ଣ୍ଣ କରାଯିବାର ଲକ୍ଷ ରଖାଯାଇଛି । ସର୍ଭିସ୍ ରୋଡର ସର୍ବେକ୍ଷଣ ପରେ ଖୁବ୍ ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ଅନୁମୋଦନ କେନ୍ଦ୍ର ସରକାରଙ୍କ ଠାରୁ ନିଆଯିବ ବୋଲି ଉପସ୍ଥିତ ଥିବା ସମସ୍ତ ଯୋଡା ବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ ।

# ପଞ୍ଚୁପଡ଼ା ନଦୀରୁ କୁମ୍ଭୀର ଉଦ୍ଧାର

**ରୂପ୍‌ସା, ୭।୧୨(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଛାନୁଆ ଘଡ଼େଇ ଛକ ନିକଟ ପଞ୍ଚୁପଡ଼ା ନଦୀରୁ ସୋମବାର ଗାଁ ଲୋକେ ଏକ କୁମ୍ଭୀର ଉଦ୍ଧାର କରିଛନ୍ତି। କୁମ୍ଭୀର ଲମ୍ବ ୬ ଫୁଟ୍। ୪ଦିନ ଧରି ନଦୀର ଏହି ସ୍ଥାନରେ ୩/୪ଟି କୁମ୍ଭୀର ଉତ୍ପାତ କରୁଥିବା ସ୍ଥାନୀୟ ଲୋକେ ଦେଖି ଭୟଭୀତ ହୋଇଯାଇଥିଲେ। ଗାଁ ଲୋକେ ଜାଲ ପକାଇବା ସମୟରେ ଏକ କୁମ୍ଭୀର ଲାଗିଥିଲା। ଏ ସମ୍ପର୍କରେ ବନବିଭାଗକୁ ଖବର ଦିଆଯାଇଥିଲା। ବାହାବଳପୁର ବନବିଭାଗ କର୍ମଚାରୀ ପହଞ୍ଚିବା ପରେ ଗ୍ରାମବାସୀ ଉଦ୍ଧାର କୁମ୍ଭୀରକୁ ହସ୍ତାନ୍ତର କରିଥିଲେ।



ନଦୀରୁ ଉଦ୍ଧାର କୁମ୍ଭୀର।

# ଫସଲ ଉଜାଡ଼ିଲେ ହାତୀପଲ

**କେନ୍ଦୁଝର, ୭।୧୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଆନନ୍ଦପୁର ବନ୍ୟ ପ୍ରାଣୀ ଡିଭିଜନ ଅଧୀନ ଦେଓଗାଁ ରେଞ୍ଜ ହରିଚନ୍ଦନପୁର ବ୍ଲକ ହରିଡାଗୋଠ ଗ୍ରାମରେ ହାତୀପଲଙ୍କ ଉପଦ୍ରବରେ ଏକର ଏକର ଧାନ ଫସଲ ନଷ୍ଟ ହୋଇଛି। ଏହି ହାତୀପଲ ବିଳମ୍ବିତ ରାତିରେ ଜଙ୍ଗଲ ମଧ୍ୟରୁ ବାହାରି ମୂଷଳନଦୀ ପାର ହୋଇ ଧାନ ବିଲରେ ପ୍ରବେଶ କରିଥିଲେ । ଗ୍ରାମର ସଙ୍ଗରାୟ ମୁଣ୍ଡାଙ୍କ ୫ଏକର, ବିକା ମୁଣ୍ଡାଙ୍କ ୧ଏକର, ବେଣୁ ମୁଣ୍ଡାଙ୍କ ୧ଏକର ଚାଷ ଜମିରୁ ଧାନ ଫସଲ ଖାଇଥିବା ସହ ଧାନ ଫସଲକୁ ମାଡିଦଳି ନଷ୍ଟ କରିଦେଇଛନ୍ତି। ଏହି ହାତୀପଲରେ ଛୋଟ ବଡ଼ ମିଶି ପ୍ରାୟତଃ ୨୫ ହାତୀ ରହିଥିବା ବେଳେ ଏମାନେ ଘଟଗାଁ ରେଞ୍ଜ ଜଙ୍ଗଲରୁ ଆସିଥିବା ଜଣାପଡିଛି। ଖବର ପାଇ ବନପାଳ ବୁଦ୍ଧଦେବ ସାହୁ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ଖୁବଶୀଘ୍ର କ୍ଷତିପୂରଣ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

# ମୋବାଇଲ ନ ଦେବାରୁ ନାବାଳକଙ୍କ ଆତ୍ମହତ୍ୟା

**ଯୋଡ଼ା,୭।୧୨(ଡି.ଏନ.ଏ.)**

ପରିବାର ଲୋକେ ନୂଆ ମୋବାଇଲ କିଣି ନ ଦେବାରୁ କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ ବସ୍ତି ଅଞ୍ଚଳର ଜଣେ ନାବାଳକ ଆତ୍ମହତ୍ୟା କରିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ଯୋଡା ବସ୍ତିଠାରେ ରହୁଥିବା କଳାକର ନାଏକଙ୍କ ପୁଅ ତାଙ୍କୁ ମୋବାଇଲ୍ ଫୋନ୍ କିଣି ଦେବାପାଇଁ ଜିଦ୍ ଧରିବସିଥିଲେ । ମାତ୍ର କଳାକାର ଏଥିରେ ଅରାଜି ହେବାରୁ ତାଙ୍କ ପୁଅ ରାଗିଯାଇ ରବିବାର ରାତିରେ ଘରେ ଫାଶି ଲଗାଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକ ପୋଲିସକୁ ଖବର ଦେବାପରେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରିବାସହ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୪୮/୨୦୨୦) ରୁଜୁ ହୋଇଥିବା ଯୋଡ଼ା ଥାନା ଆଇଆଇସି ରାଇସେନ ମୁର୍ମୁ ସୂଚନା ଦେଇଛନ୍ତି।

# ଘର କାନ୍ଥ ପଡ଼ି ଶ୍ରମିକ ମୃତ

**କେନ୍ଦୁଝର, ୭।୧୨(ଡି.ଏନ୍.ଏ.)**

କେନ୍ଦୁଝର ସଦର ଥାନା ଅନ୍ତର୍ଗତ ଦେଉଳଡିହା ଗ୍ରାମରେ ଘର କାମ କରୁଥିବା ସମୟରେ ଘର କାନ୍ଥ ପଡି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତକ ହେଲେ ତିହାଡିପଶି ଗ୍ରାମର ଦୁଃଖବନ୍ଧୁ ନାୟକ(୩୫)। ସେ ଜଣଙ୍କ ଘରେ ଶ୍ରମିକ ଭାବେ ପ୍ଲାଷ୍ଟର କାମ କରୁଥିଲେ। ଘର କାମ କରୁଥିବାବେଳେ ତାଙ୍କ ଉପରେ ହଠାତ୍ କାନ୍ଥ ପଡିଯିବାରୁ ଗୁରୁତର ଅବସ୍ଥାରେ ତାଙ୍କୁ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସଦର ପୋଲିସ ପହଞ୍ଚି ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ ୮୧/୨୦) ରୁଜୁ କରି ତଦନ୍ତ ଜାରି ରଖିଛି।



## ବେଆଇନ ଜୁଆଖେଳ: ୫ ଗିରଫ

କେନ୍ଦୁଝର, (ସ୍ୱ.ପ୍ର.): କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକର ବିଭିନ୍ନ ସାପ୍ତାହିକ ହାଟରେ ବେଆଇନ ଭାବେ ଜୁଆଖେଳ କରୁଥିବା ୫ଜଣଙ୍କୁ ପୋଲିସ ଗିରଫ କରିଛି। ସମାନେ ହେଲେ ବସନ୍ତ କୁମାର ସାହୁ, ଅକ୍ଷୟ କୁମାର ସାହୁ, ରାମଚନ୍ଦ୍ର ମହାରଣା, ଲକ୍ଷ୍ମଣ ମହାରଣା ଓ ପିତବାସ ପାତ୍ର। ସେମାନଙ୍କଠାରୁ ଜୁଆ ଖେଳ ସାମଗ୍ରୀ ଜବତ ହୋଇଥିବା ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ କହିଛନ୍ତି। ସୋମବାର ସମସ୍ତଙ୍କର ଡାକ୍ତରୀ ପରୀକ୍ଷା ଓ କୋଭିଡ ପରୀକ୍ଷା କରିବା ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

**ସଂକ୍ଷେପରେ**

### ଯୋଗଦେଲେ ନୂଆ କୁଳପତି

**ବାଲେଶ୍ୱର ଅଫିସ, ୭।୧୨:** ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ପ୍ରଫେସର ଦୀନବନ୍ଧୁ ସାହୁ ସୋମବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହି ଅବସରରେ ପ୍ରଫେସର ସାହୁ ମିଳିତ ଭାବେ ବିଶ୍ୱବିଦ୍ୟାଳୟର ଉନ୍ନତି ଲାଗି



ସହଯୋଗ କରିବାକୁ ସମସ୍ତ କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇଛନ୍ତି। କେବଳ ଓଡ଼ିଶାରେ ନୁହେଁ ସାରା ଦେଶରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଉଚ୍ଚମାନର ଯୋଗ୍ୟତା ଲାଭ କରିଛି। ଏହି ମାନ୍ୟତାକୁ ଏକ ନୂଆଦିଶାରେ ଆଗେଇ ନେବା ପାଇଁ ପ୍ରୟାସ କରିବାର ବାର୍ତ୍ତା ରଖିଥିଲେ। ବିଶ୍ୱବିଦ୍ୟାଳୟର ସମସ୍ତ ପ୍ରଫେସର, ଅଧାପିକା, ଅଧାପକ ଏବଂ କର୍ମଚାରୀମାନେ ତାଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ନଭେମ୍ବର ୨୩ ତାରିଖରେ ରାଜ୍ୟପାଳ ତଥା କୁଳାଧିପତି ପ୍ରଫେସର ଗଣେଶୀ ଲାଲ ପ୍ରଫେସର ସାହୁଙ୍କୁ ନିଯୁକ୍ତି ଦେଇଥିଲେ। ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ବଟାନୀ ବିଭାଗରେ ପ୍ରଫେସର ଥିବାବେଳେ ବହୁ ପ୍ରକଳ୍ପରେ କାର୍ଯ୍ୟ କରି ଦେଶବିଦେଶରେ ସୁନାମ ଅର୍ଜନ କରିଛନ୍ତି।

### ତେଲକୋଇରେ ଅଦ୍ଭୁତ ଶିଶୁ ଜନ୍ମ

**ତେଲକୋଇ,୭।୧୨(ଡି.ଏନ.ଏ.):** କେନ୍ଦୁଝର ଜିଲା ତେଲକୋଇ ମୁଖ୍ୟାଳୟରେ ଗତ ରବିବାର ଶିବନାରାୟଣପୁରଗୋଡା ପଞ୍ଚାୟତ ତମାଙ୍ଗ ଗ୍ରାମରେ ଜଣେ ମହିଳା ଏକ ଅଦ୍ଭୁତ ଶିଶୁକୁ ଜନ୍ମ ଦେଇଥିଲେ। ଶିଶୁଟି ଜନ୍ମ ହେବାର ୩ ମିନିଟ ମଧ୍ୟରେ ମୃତ୍ୟୁ ହୋଇଥିଲା। ଉକ୍ତ ଶିଶୁଙ୍କ ହାତ ନ ଥିବା ବେଳେ ଗୋଡ ୨ଟି ମାଛର ଭ୍ରମ ସୃଷ୍ଟି କରିଥିଲା। ଉକ୍ତ ପଞ୍ଚାୟତରୁ ତମାଙ୍ଗ ଗ୍ରାମକୁ ରାସ୍ତା ନାହିଁ। ଏହି ଗାଁ ପାହାଡ଼ ଉପରେ ରହିଛି। ଏଠାରେ ପାହାଡ଼ି ଭୂୟାଁ ଜନଜାତି ବସବାସ କରନ୍ତି। ଶନିବାର ଜଣେ ପ୍ରସୂତୀଙ୍କୁ ଆଶାକର୍ମୀ ଖବର ପାଇ ପାହାଡ ଉପରକୁ ଯାଇ ତାଙ୍କୁ ତଳକୁ ଆଣି ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ରବିବାର ଶିଶୁଟିକୁ ଜନ୍ମ ଦେଇଥିଲେ ମଧ ସେ ବଞ୍ଚି ନ ଥିଲା। ଶିଶୁ ମୃତ୍ୟୁ ପରେ ମା'ଙ୍କ ଚିକିତ୍ସା କରାଯାଉଛି।

### ରାଜ୍ୟ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତିଙ୍କୁ ସମ୍ବର୍ଦ୍ଧନା

**ରେମୁଣା, ୭।୧୨(ଡି.ଏନ.ଏ.):** ଯୁବ ବିଜେଡ଼ିର ନବନିଯୁକ୍ତ ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସମଙ୍ଗରାଜଙ୍କୁ ରବିବାର ସନ୍ଧ୍ୟାରେ ଶେରଗଡ଼ଠାରେ ଯୁବ ବିଜେଡ଼ି କର୍ମକର୍ତ୍ତାଙ୍କ ଦ୍ୱାରା ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ନୀଳଗିରି ଓ ରେମୁଣା ବ୍ଲକରୁ ଆସିଥିବା କର୍ମକର୍ତ୍ତା ନାରା ଦେଇଥିଲେ ଓ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମଙ୍ଗରାଜ ସମସ୍ତ କର୍ମକର୍ତ୍ତା ଏବଂ କର୍ମୀଙ୍କୁ ସଙ୍ଗଠିତ ହୋଇ ଦଳରେ କାମ କରିବାକୁ ଆହ୍ୱାନ ଦେଇଥିଲେ। ନୀଳଗିରି ନଗର ବିଜେଡି ଯୁବ ସଭାପତି ଅଭିଷେକ ବେହେରାଙ୍କ ସମେତ ଦେବାଶିଷ ଦାସ, ହିମାଂଶୁ ଶେଖର ରାୟବାବୁ, ଜଗତଜ୍ୟୋତି ଦାସ, ଅନିରୁଦ୍ଧ ଦାସ, ପ୍ରଭାତ କୁମାର ନାୟକ, ଅନନ୍ତ ନାୟକ, ମନୋଜ କୁମାର ନାୟକ, ମନୋଜ କୁମାର ମହାନ୍ତି, ବିଶ୍ୱନାଥ ମହାନ୍ତି, ସୋମନାଥ ମଲିକ, କିଶୋର ଚନ୍ଦ୍ର ମଲିକ, ମହେଶ ପାତ୍ର, ସନତାତନ ପୁଟି, ବରେନ୍ଦ୍ର ମହାପାତ୍ର ଏବଂ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଖୋଜା ପଡ଼ୁଛି ହଳଦୀପତ୍ର

**କେନ୍ଦୁଝର,୭।୧୨(ସ୍ୱ.ପ୍ର.)**

ଓଡ଼ିଆ ଘରେ ବାର ମାସରେ ତେର ପର୍ବ। ସବୁ ପର୍ବରେ ଘର ପିଠାପଣାରେ ମହକି ଉଠେ। ଓଡ଼ିଆଣୀ ଘରେ ବିଭିନ୍ନ ପ୍ରକାରର ପିଠା ମଧ୍ୟରୁ ଏଣ୍ଡୁରୀ ପିଠା ନିଆରା। ପ୍ରଥମାଷ୍ଟମୀରେ ଏଣ୍ଡୁରି ପିଠା ଘରେ ଘରେ ହୋଇଥାଏ। ଏଣୁ ପ୍ରଥମାଷ୍ଟମୀ ଅସିଲେ ଓଡ଼ିଆ ଘରମାନଙ୍କରେ ହଳଦୀପତ୍ର ଖୋଜା ପଡ଼େ। ତେବେ ଏହି ପତ୍ର ଏକଦା ସମସ୍ତଙ୍କ ବାଡ଼ିବଗିଚାରେ ହେଉଥିଲା। ଏଣୁ ଏହାର ଆବଶ୍ୟକତା ଘରେ ବା ଗ୍ରାମରେ ପୂରଣ ହୋଇଥାଏ। ତେବେ ଆଜିକାଲି ହଳଦୀ ପତ୍ରର ଚାହିଦା ମୁତାବକ ମିଳୁ ନ ଥିବାରୁ ହାଟବଜାରରେ ବିକ୍ରି ହେଉଛି। ହଳଦୀପତ୍ର କିଣାବିକା ଏବେ ବ୍ୟବସାୟରେ ପରିଣତ ହୋଇଗଲାଣି। କେନ୍ଦୁଝର ଜିଲାରୁ ବେପାରୀମାନେ ବାହାର ଜିଲାକୁ ହଳଦୀପତ୍ର ନେଇ ବିକି ବେଶ ଲାଭବାନ ହେଉଛନ୍ତି। ଏଣୁ ଏହାର ଦାମ ବୃଦ୍ଧି ପାଇବା ସହ ଅନେକ ସମୟରେ ଚଢ଼ା ଦାମରେ ବିକ୍ରି ହେଉଛି।

**ଆଜି ପ୍ରଥମାଷ୍ଟମୀ**



ହଳଦୀପତ୍ର ପାଇଁ ଲୋକଙ୍କ ଭିଡ଼।

ଅରୁଆ ଚାଉଳ ଓ ବିରି ମିଶାଇ ପିଠଉ କରି ସେଥିରେ ନଡିଆ କୋରା ପୁର ଦେଇ ଏହି ପିଠା ପ୍ରସ୍ତୁତ କରାଯାଏ। ଏହି ଦିନରେ ହଳଦୀପତ୍ର ପିଠା ସହିତ ଚକୁଳି, ମଣ୍ଡା ଆଦି ପିଠା ଓ ଖିରି ଆଦି ଓଡ଼ିଆ ଘରେ ଘରେ ଖାଇଥାନ୍ତି। ହଳଦୀପତ୍ର ସୁମଧୁର ବାସ୍ନା ପିଠାର ସ୍ୱାଦକୁ ଦ୍ୱିଗୁଣିତ କରିଥାଏ। ପ୍ରଥମାଷ୍ଟମୀ ଦିନ ଏହି ହଳଦୀପତ୍ର ପିଠାର ଶୁଭାରମ୍ଭ ହୋଇଥାଏ। ପଢୁଆଁ ଘରର ବଡ ପୁଅ/ଝିଅ ନୂଆ ବସ୍ତ୍ର ପିନ୍ଧି ପୂଜାପାଠ କରି ଏହି ପିଠା ଖାଇଥାନ୍ତି। ଚାଷୀ ତଥା ବନବାସୀମାନେ ଏହି ଦିନରେ ହଳଦୀପତ୍ର କାଟି ଆଣି ହାଟବଜାରରେ ବିକ୍ରି କରନ୍ତି। ତେବେ ଏହି ହଳଦୀପତ୍ରର ଚାହିଦାକୁ ଦେଖି ଚାଷୀମାନେ ବେଶ୍ ସକ୍ରିୟ ହୋଇଉଠନ୍ତି। ତେବେ କିଛି ବର୍ଷ ହେଲା ଏହି ହଳଦୀପତ୍ର ବେପାରୀମାନଙ୍କ କବ୍‌ଜାକୁ ଚାଲିଯାଉଥିବାରୁ ସାଧାରଣ ଲୋକେ ବହୁ ଅସୁବିଧା ଭୋଗୁଛନ୍ତି। ବେପାରୀମାନେ ଚାଷୀ ବା ବନବାସୀଙ୍କଠାରୁ ହଳଦୀପତ୍ର ବହୁତ କମ୍ ଦାମରେ କିଣି ଗଛିତ ରଖି କୃତ୍ରିମ ଅଭାବ ସୃଷ୍ଟି କରିଥାନ୍ତି। ପରେ ହଳଦୀପତ୍ର ବିଡ଼ା ୧୦ ଟଙ୍କାରୁ ୨୦ ଟଙ୍କାରେ କିଣି ବିଡ଼ାକୁ ଖୋଲି ଛୋଟ ଛୋଟ ବିଡ଼ା କରି ବେପାରୀମାନେ ୩ରୁ ୪ ଗୁଣା ଦରରେ ବିକି ବେଶ ମୁନାଫା କମାଇଥାନ୍ତି ବୋଲି ସ୍ଥାନୀୟ ଚାଷୀ କହିଛନ୍ତି। ଏଥିରେ ଚାଷୀ କିମ୍ବା ବନବାସୀ ବହୁ କଷ୍ଟରେ ବଜାରକୁ ବୋହି ଆଣି ସେତେ ଲାଭ ପାଆନ୍ତି ନାହିଁ। ଏଣୁ ଏହି ଚାଷକୁ ପ୍ରୋତ୍ସାହିତ କରାଗଲେ ବିଶେଷ କରି ବନବାସୀମାନେ ଉପକୃତ ହୋଇପାରିବେ।

## 'ନେହେରୁ ଷ୍ଟାଡିୟମର ବିକାଶ କରାଯିବ'



ନେହେରୁ ଷ୍ଟାଡିୟମ୍‌ରେ ବିଧାୟକ ଓ କ୍ରୀଡ଼ାବିତ୍ ମାନେ।

**ଭଦ୍ରକ ଅଫିସ,୭।୧୨**

ଦୁଇଦସନ୍ଧି ଧରି ଅବହେଳିତ ହୋଇ ପଡ଼ିଥିବା ନେହେରୁ ଷ୍ଟାଡିୟମର ପୁନରୁଦ୍ଧାର ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଶତାଧିକ କ୍ରୀଡ଼ାପ୍ରେମୀଙ୍କ ଗ୍ରହଣରେ ଜିଲା ଅଲିମ୍ପିକ ଆସୋସିଏଶନର ସମ୍ପାଦକ ଶୁଭେନ୍ଦୁ ରାୟମହାପାତ୍ରଙ୍କ ସହିତ ଏକ ମିଳିତ ବୈଠକରେ ଯୋଗଦେଇ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଏହି ଷ୍ଟାଡିୟମ୍‌ର ବିକାଶ କରାଯିବ ବୋଲି କହିଥିଲେ। ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀ, ଭଦ୍ରକ କ୍ରୀଡ଼ା ପ୍ରେମୀ ଏବଂ କ୍ରୀଡ଼ାବିତ୍ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ବଡିବିଲଡିଂ ଆସୋସିଏଶନର ସଭାପତି ସତ୍ୟନ୍ଦୁ ରାୟମହାପାତ୍ର, ସମ୍ପାଦକ ତୁଷାରକାନ୍ତ ଦାଶ, ଟିପୁନ ଦାଶ, ବଳରାମ ଦାଶ, ବି.ପୀତାମ୍ବର ରେଡ଼ି, ସୂର୍ଯ୍ୟ ଦାଶ, ଜିତେନ୍ଦ୍ର ଜେନା, କୁନମୁନ ପଣ୍ଡା, ଶାନ୍ତନୁ କୁମାର ଜେନା, ସୋମନାଥ ସାହୁ, ପୁପୁନା ନାୟକ, ସମାଜସେବୀ ରିତା ମହାନ୍ତି ପ୍ରମୁଖ ବରିଷ୍ଠ କ୍ରୀଡ଼ାପ୍ରେମୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ସିଦ୍ଧାର୍ଥ ସଭାପତି, ସମୀର ସମ୍ପାଦକ



ବାଲେଶ୍ୱର ଜିଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନ ନୂତନ କର୍ମକର୍ତ୍ତା।

**ବାଲେଶ୍ୱର ଜିଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନ ନିର୍ବାଚନ**

**ବାଲେଶ୍ୱର ଅଫିସ, ୭।୧୨**

ବାଲେଶ୍ୱର ଜିଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନ (ବିଡିସିଡିଏ)ର ସଭାପତି ଓ ସମ୍ପାଦକ ନିର୍ବାଚନ ଶେଷ ହେବା ପରେ ଅସମ୍ପୂର୍ଣ୍ଣ ଥିବା ୨୦୧୯–୨୦୨୨ କାର୍ଯ୍ୟକାଳ ପାଇଁ ସଂଘ ନିର୍ବାଚନ ପ୍ରକ୍ରିୟା ଶେଷ ଘଟିଛି। ଜିଲାର ବିଭିନ୍ନ ଜୋନ୍‌ରେ ପୂର୍ବରୁ ନିର୍ବାଚିତ ହୋଇଥିବା ସଂଘର କାର୍ଯ୍ୟକାରିଣୀ ସଦସ୍ୟମାନେ ଉକ୍ତ ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରି ସର୍ବସମ୍ମତିକ୍ରମେ ସଭାପତି ଭାବେ ସିଦ୍ଧାର୍ଥ ସାରଥି ଦାସ ଏବଂ ସମ୍ପାଦକ ରୂପେ ସମୀର ଜଟାନିଆଙ୍କୁ ନିର୍ବାଚିତ କରିଥିଲେ। ଏହାପରେ ଉଭୟ ସଭାପତି ଓ ସମ୍ପାଦକ ମିଳିତ ଭାବେ କୋଷାଧ୍ୟକ୍ଷ ଲାଇଜୁ ମିଶ୍ର, ସାଙ୍ଗଠନିକ ସମ୍ପାଦକ ଭାବରେ ସୁଦୀପ ଚକ୍ରବର୍ତ୍ତୀ, କାର୍ଯ୍ୟାଳୟ ସମ୍ପାଦକ ଭାବେ ଅରୁଣ ଖଣ୍ଡେଲୱାଲ ଓ ଟ୍ରେଡ୍ ଆଫେୟାର୍ସ କମିଟି ଚେୟାରମ୍ୟାନ୍ ଭାବେ ନୀରଜ ପଦାରଙ୍କ ନାମ ଘୋଷଣା କରିଥିଲେ। ନିର୍ବାଚନ ଅଧିକାରୀମାନେ ସରକାରଙ୍କ ସମସ୍ତ କୋଭିଡ୍ କଟକଣା ମାନି ରାଜ୍ୟ ସଂଘର ନିୟମ ଅନୁସାରେ ଏହି ନିର୍ବାଚନ ପରିଚାଳନା କରିଥିଲେ। ଅଖିଳ ଭାରତୀୟ ଔଷଧ ବିକ୍ରେତା ସଂଘର କାର୍ଯ୍ୟକାରିଣୀ ସଦସ୍ୟ ବିକ୍ରମ କେଶରୀ ପାଣି ଏବଂ ଢେଙ୍କାନାଳ ଜିଲା ସଂଘର ସମ୍ପାଦକ ଦିଲୀପ କୁମାର ମିଶ୍ର ଏହି ନିର୍ବାଚନରେ ୟୁସିଡିଏ ତରଫରୁ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ।

ପ୍ରଥମେ ଜିଲା ସଂଘର ପୁରାତନ ଏବଂ ନୂତନ କାର୍ଯ୍ୟକାରିଣୀ ସଦସ୍ୟମାନଙ୍କର ମିଳିତ ବୈଠକ ପରେ ନବ ନିର୍ବାଚିତ ସଦସ୍ୟମାନଙ୍କ ଦ୍ୱାରା ଏହି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହାପରେ ବିଡିସିଡିଏ ତରଫରୁ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନ ସାଧାରଣ ସମ୍ପାଦକ ପ୍ରଶାନ୍ତ ମହାପାତ୍ର, ଜିଲାର ନବନିର୍ବାଚିତ ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ ଏବଂ ଅନ୍ୟ କର୍ମକର୍ତ୍ତାମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଂଘ ପୂର୍ବତନ ସଭାପତି ଡ. ପ୍ରଶାନ୍ତ ମହାନ୍ତି ମଞ୍ଚ ଆହ୍ୱାନ ଓ ପରିଚାଳନା କରିଥିବା ବେଳେ ହରିଶଙ୍କର ରାଜ ଧନ୍ୟବାଦ ଦେଇଥିଲେ।

## ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ବାରିପଦା ଅଫିସ, ୭।୧୨**

'ପରୀ' ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ଦାବିରେ କେଶରୀୟା ହିନ୍ଦୁ ବାହିନୀ ପକ୍ଷରୁ ସୋମବାର ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଦସ୍ୟମାନେ ମନ୍ତ୍ରୀ ଅରୁଣ ସାହୁଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ ପ୍ରଦାନ କରିଥିଲେ। ଯୁବ ସଭାପତି ଶାନ୍ତନୁ କୁମାର ଦାସ, ଛାତ୍ର ସଭାପତି ଅନୁପ ରଞ୍ଜନ ବେହେରା ଓ ଅନ୍ୟମାନେ ବିକ୍ଷୋଭରେ ସାମିଲ ହୋଇଥିଲେ।

## ଗୁରୁପ୍ରସାଦଙ୍କ ସ୍ମୃତିରେ 'ଶତାୟୁ' ଉନ୍ମୋଚିତ

**ବାହାନଗା, ୭।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତର ରମ୍‌ଧା ଗ୍ରାମର ପଣ୍ଡିତ ଗୁରୁ ପ୍ରସାଦ ଦାଶଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ଅତିଥିମାନଙ୍କ ଦ୍ୱାରା 'ଶତାୟୁ' ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଗୁରୁପ୍ରସାଦ ଦାଶ ଥିଲେ ଜିଲାର ଜଣେ ଆଗଧାଡିର ବେଦପାଠ ଓ ବୈଦିକ ପଣ୍ଡିତ। ସେ ବିଭିନ୍ନ ଅନୁଷ୍ଠାନ ତରଫରୁ ପୁରସ୍କୃତ ହୋଇ ପ୍ରମାଣପତ୍ର ପାଇଛନ୍ତି। ତାଙ୍କ ଦେହାନ୍ତ ପରେ ଗତ ତା ୩।୧୨।୨୦୨୦ରିଖରେ ପ୍ରଥମ ଶ୍ରାଦ୍ଧଦିବସ ଅବସରରେ ରମ୍‌ଧାସ୍ଥିତ ବାସଭବନ ପରିସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତିତ୍ୱ କରିଥିଲେ ବିଷ୍ଣୁମୋହନ ପଣ୍ଡା। ନିରଞ୍ଜନ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ପଣ୍ଡିତ କମଳାକାନ୍ତ ତ୍ରିପାଠୀ ଯୋଗଦେଇ ଗୁରୁପ୍ରସାଦଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହିତ ସେ ଜଣେ ପରୋପକାରୀ ବ୍ୟକ୍ତି ଓ ବୈଦିକକାଣ୍ଡ, ବେଦପାଠରେ ପାଣ୍ଡିତ୍ୟ ଧାରଣ କରିଥିବା ମତବ୍ୟକ୍ତ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ପଣ୍ଡିତ ଲକ୍ଷ୍ମୀଧର ମହାପାତ୍ର, ସୋମ୍ୟରଞ୍ଜନ ଦାଶ, ଦତ୍ତୈତ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପଣ୍ଡିତ ଗୁରୁପ୍ରସାଦଙ୍କ ସ୍ମୃତିଚାରଣ କରିଥିଲେ। ପ୍ରଦୀପ କୁମାର ଜେନା ଧନ୍ୟବାଦ ଦେଇଥିଲେ।

# ୪ ସମିତିରେ ଧାନକିଣା ଆରମ୍ଭ



ଖଇରା ସମତିରେ ଧାନର ମାନ ଓ ଓଜନ ତଦାରଖ କରାଯାଉଛି।

**ଖଇରା, ୭।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଖଇରା, ପଳସା, ଗୋବିନ୍ଦପୁର ଏବଂ ଗଗନଧୂଳୀ ସେବା ସମବାୟ ସମିତିରେ ସରକାରୀ ସ୍ତରରେ ଧାନକ୍ରୟ ଶୁଭାରମ୍ଭ ହୋଇଛି। ପର୍ଯ୍ୟଟନ, ସଂସ୍କୃତିମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ସମସ୍ତ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଜିଲା ଯୋଗାଣ ବିଭାଗ ଅଧିକାରୀ ପ୍ରଦ୍ୟୁମ୍ନ ରାଉତରାୟ, ସହକାରୀ ଯୋଗାଣ ଅଧିକାରୀ ଅଜୟ ମଲ୍ଲିକ, ବାଲେଶ୍ୱର ଉପନିବନ୍ଧକ ପ୍ରଶାନ୍ତ କୁମାର ମହାନ୍ତି, ଏସ୍‌ଏଆରସିଏସ୍ ଦେବାଶିଷ ଦାସ, ବ୍ଲକ ଯୋଗାଣ ବିଭାଗ ଅଧିକାରୀ ନିରଞ୍ଜନ ସାହୁ, ଜିଲା ପରିଷଦ ସଭ୍ୟ ଜୟନ୍ତୀ ମହଲା, ପଳସା ସରପଞ୍ଚ ପଙ୍କଜିନି ଦାସମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କଟନୀ ଛଟନୀ ଆଳରେ ଯେମିତି ଚାଷୀ କ୍ଷତି ନ ସହନ୍ତି ସେଥିଲାଗି ମନ୍ତ୍ରୀ ଅଧିକାରୀ, ମିଲର ଓ ଏଜେଣ୍ଟମାନଙ୍କୁ ସତର୍କ କରାଇଥିଲେ। ଖଇରା ସମିତିର ସମ୍ପାଦକ ବନମାଳୀ ପୋଇ, ସହସମ୍ପାଦକ ଶ୍ରୀକାନ୍ତ ପଲେଇ ଓ ଉଦୟ କୁମାର ରାଉତ, ପଳସା ସମିତି ସମ୍ପାଦକ ରାଜେଶ କୁମାର ପାତ୍ର, ଗୋବିନ୍ଦପୁର ସମିତି ସମ୍ପାଦକ ପ୍ରଫୁଲ୍ଲ ଖଣ୍ଡା ଓ ସହ ସମ୍ପାଦକ ବିଭୂତି ଭୂଷଣ ରାଉତ, ଗଗନଧୂଳି ସେବା ସମବାୟ ସମିତି ସମ୍ପାଦକ ଗଗନ କୁମାର ଜେନା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଚାଷୀଙ୍କଠାରୁ ଧାନ କିଣା ଯାଇଥିଲା।

**ଅବ୍ୟବସ୍ଥା ନେଇ ଅଭିଯୋଗ**

ପଳସା ସେବା ସମିତିରେ ମଣ୍ଡି ଉଦ୍‌ଘାଟନ ବେଳେ ଶତାଧିକ ଚାଷୀ ଅନ୍‌ଲାଇନ ପଞ୍ଜିକରଣରେ ହୋଇଥିବା ଅବ୍ୟବସ୍ଥା ସମ୍ପର୍କରେ ପର୍ଯ୍ୟଟନ ମନ୍ତ୍ରୀ ପାଣିଗ୍ରାହୀ ଓ ଯୋଗାଣ ବିଭାଗ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୩୦ରୁ ଅଧିକ ଚାଷୀଙ୍କ ଜଳସେଚିତ ଜମିକୁ ପଞ୍ଜିକରଣ ତାଲିକାରୁ କାଟିଦିଆଯାଇଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ସେହିଭଳି ୧୦ଏକରରୁ ଉର୍ଦ୍ଧ୍ୱ ଜମିଥିବା ଚାଷୀଙ୍କ ନାମକୁ ଯାଞ୍ଚ ଚାଲିଥିବା ଆଳରେ ଝୁଲାଇ ରଖାଯାଇଥିବା ସମ୍ପର୍କରେ ଦୃଷ୍ଟିଗୋଚର କରାଯାଇଥିଲା। ଚାଷୀ ହେମନ୍ତ କୁମାର ପୃଷ୍ଟି, ଉଦୟ କୁମାର ବେହେରା, ଅନୀଲ ଦାସ, ରତିକାନ୍ତ ରାଉତ, କ୍ଷେତ୍ରମୋହନ ସେନାପତି, ମଧୁସୁଦନ ଦାସ ପ୍ରମୁଖ ଯୁଦ୍ଧକାଳୀନ ଭିତ୍ତିରେ ସମସ୍ୟାର ସମାଧାନ ଲାଗି ଦାବି କରିଥିଲେ। ତୁରନ୍ତ ସମାଧାନ ଲାଗି ମନ୍ତ୍ରୀ ପାଣିଗ୍ରାହୀ ଅଧିକାରୀଙ୍କୁ ମଧ ନିର୍ଦ୍ଦେଶ ଦେଇଥିଲେ।

# ଭଲିବଲ ଟୁର୍ନାମେଣ୍ଟ: ରାଇସୁଆଁ ଚାମ୍ପିୟନ

**ପାଟଣା,୭।୧୨(ସ୍ୱ. ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟ ସ୍ଥିତ ସ୍ୱାମପାଟଣା କ୍ଲବ ତରଫରୁ ଦ୍ୱିତୀୟ ବାର୍ଷିକ ୧ ଦିବସୀୟ ଭଲିବଲ ଟୁର୍ନାମେଣ୍ଟ ରବିବାର ଅପରାହ୍ନରୁ ଆରମ୍ଭ ହୋଇ ରାତିରେ ଶେଷ ହୋଇଛି। ଏଥିରେ ମୋଟ ୮ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ଫାଇନାଲରେ ରାଇସୁଆଁକୁ କେନ୍ଦୁଝର ଭେଟି ଥିଲା। ରାଇସୁଆଁ ୨–୦ ସେଟ୍‌ରେ ବିଜୟୀ ହୋଇଛି। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ କ୍ରୀଡ଼ା ଶିକ୍ଷକ ଧର୍ମେନ୍ଦ୍ର କୁମାର ସାହୁଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ଶିଳ୍ପପତି ତଥା ସାମାଜିକ କର୍ମୀ ବିବେକାନନ୍ଦ ଦାଶ, ସମ୍ମାନିତ ଅତିଥି ଭାବେ କ୍ରୀଡ଼ାବିତ ପ୍ରମୋଦ କୁମାର ଭଞ୍ଜ ଦେଓ, ଖବରଦାତା ନୃସିଂହନାଥ ସିଂହ, ଶିକ୍ଷକ ଶାନ୍ତନୁ କୁମାର ସାହୁ ପ୍ରମୁଖ ଯୋଗଦେଇ ବିଜୟୀ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ରେଫ୍‌ରି ଭାବେ ସ୍ଥାନୀୟ ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଧର୍ମେନ୍ଦ୍ର କୁମାର ସାହୁ ଓ ସ୍ୱଦେଶ କୁମାର ସାହୁ ଖେଳ ପରିଚାଳନା କରିଥିବାବେଳେ ଖେଳର ଧାରା ବିବରଣୀକୁ ପାର୍ଥସାରଥୀ ବେଜ ଓ ଶରତ ଚନ୍ଦ୍ର ମିଶ୍ର ପ୍ରଦାନ କରିଥିଲେ। କ୍ଲବର ସଦସ୍ୟ ରଞ୍ଜନ ବେହେରା, ସୁଶାନ୍ତ ରାଉଳ, ପ୍ରଭୁ ପ୍ରଶାଦ ଦାଶ, ଦିବ୍ୟଜ୍ୟୋତି ମିଶ୍ର, ସୁମନ୍ତ ନାହାରଣା ଓ ରାହୁଲ ଅନ୍‌ସାରୀ ପ୍ରମୁଖ ପରିଚାଳନା କରିଥିଲେ।

## ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ କର୍ମଚାରୀ ସଂଘର କର୍ମକର୍ତ୍ତା ଚୟନ

**ବାଲେଶ୍ୱର ଅଫିସ, ୭।୧୨**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ପୁରାତନ କ୍ୟାମ୍ପସ୍‌ଠାରେ କର୍ମଚାରୀମାନଙ୍କର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଂଘ ସମ୍ପାଦକ ଉପେନ୍ଦ୍ର ପ୍ରସାଦ ଜେନା ସଂଯୋଜନା କରିଥିଲେ। ଏହି ଅବସରରେ ପୁରୁଣା କ୍ୟାମ୍ପସଠାରେ ସଂଘର କାର୍ଯ୍ୟାଳୟକୁ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ଗଙ୍ଗାଧର ଦାଶ ଉଦ୍‌ଘାଟନ କରି କର୍ମଚାରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ସଂଘ ସଭାପତି ଡ. ଅର୍ଜୁନ ଚରଣ କର କର୍ମଚାରୀମାନଙ୍କୁ ଶୃଙ୍ଖଳିତ ଭାବେ କର୍ତ୍ତବ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ। ସଂଘ କାର୍ଯ୍ୟାଳୟ ପାଇଁ ଏକ ପ୍ରକୋଷ୍ଠ ପ୍ରଦାନ କରିଥିବାରୁ ସର୍ବସମ୍ମତିକ୍ରମେ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇଥିଲା।




ସଭାରେ ଉପସ୍ଥିତ କର୍ମଚାରୀମାନେ।

ଶେଷରେ ସଂଘର କର୍ମକର୍ତ୍ତା ଚୟନ କରାଯାଇ ଡ. ଅର୍ଜୁନ ଚରଣ କରଙ୍କୁ ଉପଦେଷ୍ଟା, ଉପେନ୍ଦ୍ର ପ୍ରସାଦ ଜେନାଙ୍କୁ ସଭାପତି, ପ୍ରଦୀପ କୁମାର ଗାଣଙ୍କୁ ସମ୍ପାଦକ ଓ ପ୍ରଦୀପ କୁମାର ମୁଦୁଲିଙ୍କୁ କୋଷାଧ୍ୟକ୍ଷ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସାଗରିକା ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# କୃଷି, କୃଷକଙ୍କ ସମସ୍ୟା ନେଇ ଆନ୍ଦୋଳନ ଚେତାବନୀ

**ସଜନାଗଡ଼, ୭।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକରେ ଧାନର ଅଭାବୀ ବିକ୍ରି, ଧାନମଣ୍ଡି ଖୋଲିବା ଓ ସରକାରଙ୍କ ଧାନ କିଣାରେ ବିଳମ୍ବ ନେଇ ଅସନ୍ତୋଷ ଦେଖାଦେଇଛି। ଏନେଇ ନୀଳଗିରିର ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ସୋମବାର ଏକ ଖବରଦାତା ସମ୍ମିଳନୀ ଆୟୋଜନ କରି କୃଷି ଓ କୃଷକଙ୍କ ସମସ୍ୟାକୁ ନେଇ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ସରକାରୀ ମୂଲ୍ୟଠାରୁ କମ୍ ମୂଲ୍ୟରେ ମିଲରମାନେ ବିଭିନ୍ନ ପଞ୍ଚାୟତର ଏଜେଣ୍ଟଙ୍କ ମାଧ୍ୟମରେ ଧାନ କିଣି ସାଇତି ରଖୁଛନ୍ତି। ମଣ୍ଡି ଖୋଲିବା ପରେ ଚାଷୀଙ୍କଠୁ କାର୍ଡ଼ କିଣି ଉକ୍ତ ଧାନକୁ ମିଲରମାନେ ବିକ୍ରି କରି ମାଲେମାଲ ହେବେ। ବିଶେଷ କରି ଅଞ୍ଚଳରେ ଛୋଟଛୋଟ ଚାଷୀମାନେ ଅଭାବ, ଋଣର ଶୀକାର ହୋଇ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ମୂଲ୍ୟଠାରୁ କମ୍ ମୂଲ୍ୟରେ ବିକ୍ରି କରୁଛନ୍ତି। ସରକାରଙ୍କ ଦ୍ୱାରା ଧାର୍ଯ୍ୟ ମୂଲ୍ୟ ୧୮୫୦ ଟଙ୍କା ଥିବା ବେଳେ ଚାଷୀ ୧୧ଶହରେ ଧାନ ବିକ୍ରି କରୁଛି। ନୀଳଗିରିରେ ୭୫ଭାଗ ଚାଷୀ ଧାନ ଅମଳ କରିଥିବା ବେଳେ ୨୫ଭାଗ ବାକି ରହିଛି। ଚାଷୀମାନେ ଧାନ ବିକ୍ରି ପାଇଁ ଅନଲାଇନରେ ଆବେଦନ କରିଥିଲେ ମଧ ସେମାନଙ୍କୁ ଯେଉଁ ଟୋକନ୍ ଆସିଛି



ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡଙ୍ଗୀ ସୂଚନା ଦେଉଛନ୍ତି।

ତନ୍ମଧ୍ୟରୁ କାହାର ଜାନୁୟାରୀ ଶେଷ ତ ଆଉ କାହାର ଫେବୃୟାରୀ ଓ ମାର୍ଚ୍ଚ ମାସ। ଡିସେମ୍ବରରେ ଧାନ ବିକ୍ରି ପାଇଁ ପ୍ରାୟ ୫ଭାଗ ଚାଷୀଙ୍କର ଟୋକନ୍ ଆସିଥିବା ବେଳେ ୯୫ଭାଗ ଚାଷୀଙ୍କର ଆସି ନାହିଁ। ଫଳରେ ଚାଷୀମାନେ ଦଲାଲଙ୍କଠାରେ ଧାନ ବିକ୍ରି କରିବାକୁ ବାଧ ହେଉଛନ୍ତି ବୋଲି ଷଡ଼ଙ୍ଗୀ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ ଲାଗି ସେ ସରକାରଙ୍କୁ ଚିଠି ଲେଖିଛନ୍ତି। ସେଥିରେ ସେ ଟୋକନ୍ ଦିଆଯିବାର ସମୟ ବଦଳାଯିବା, ଟୋକନ୍ ପାଇଥିବା ଚାଷୀଙ୍କୁ ବୁରା ଦିଆଯିବା, ମଣ୍ଡିଗୁଡ଼ିକୁ ତୁରନ୍ତ ଖୋଲାଯିବା ଏବଂ ଯେଉଁମାନେ ୧୧ଶହ ଟଙ୍କାରେ ଧାନ କିଣୁଛନ୍ତି ଦୃଷ୍ଟାନ୍ତମୂଳକ ଭାବେ ସେମାନଙ୍କୁ ଗିରଫ କରାଯିବା ନେଇ ଚିଠିରେ ଦର୍ଶାଯାଇଛି। ଏସବୁ ବିଷୟ ନେଇ ମୁଖ୍ୟ ସଚିବ, ୫ଟି ସଚିବ, ପ୍ରିନ୍ସପାଲ ସେକ୍ରେଟାରୀ, ଫୁଡ୍ ଆଣ୍ଡ ସିଭିଲ ସପ୍ଲାୟାର ଡିପାର୍ଟମେଣ୍ଟ ଓଡ଼ିଶା, ଆରଡ଼ିସି କଟକ, ବାଲେଶ୍ୱର ଜିଲାପାଳଙ୍କୁ ଚିଠି ପ୍ରେରଣ କରିବା ସହ ଆସନ୍ତା ୭ଦିନ ଭିତରେ ପଦକ୍ଷେପ ନିଆ ନ ଗଲେ ଚାଷୀ ରାସ୍ତାକୁ ଓହ୍ଲାଇବେ ବୋଲି ସେ ଚେତାବନୀ ଦେଇଛନ୍ତି।

